## ସଂକ୍ଷେପରେ

### ମାଲକାନଗିରିରୁ ୨୫ ପଜିଟିଭ୍

ମାଲକାନଗିରି,୩୧।୧୦ (ଡି.ଏନ୍.ଏ.)- ମାଲକାନଗିରି ଜିଲାରେ ଶନିବାର ୨୫ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୪୮୩୭ରେ ପହଞ୍ଚିଛି। ଚିହ୍ନଟଙ୍କ ୨୫ଙ୍କ ମଧ୍ୟରେ ମାଲକାନଗିରି ପୌରାଞ୍ଚଳରୁ ୨ ଜଣ, ମାଲକାନଗିରି ବ୍ଲକରୁ ୭, ପଡିଆ ବ୍ଲକରୁ ୩, ଖଇରପୁଟ,ଚିତ୍ରକୋଣ୍ଡା ବ୍ଲକରୁ ଜଣେ ଲେଖାଏ, କାଲିମେଳା ବ୍ଲକରୁ ୧୧ଜଣ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ସିଆରପିଏଫ୍ ଯବାନଙ୍କ ଆତ୍ମହତ୍ୟା

ମାଲକାନଗିରି,୩୧।୧୦ (ଡି.ଏନ୍.ଏ.)- ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡରେ ଜଣେ ସିଆରପିଏଫ୍ ଯବାନ ନିଜକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ଛତିଶଗଡର ଦର୍ନାପାଲସ୍ଥିତ ୨୨୩ ବାଟାଲିୟନରେ କାର୍ଯ୍ୟ କରୁଥିବା ଯବାନ କମଳକାନ୍ତ ଏପରି ଘଟାଇଛନ୍ତି। ତାଙ୍କ ଘର ଓଡ଼ିଶାର ଝାରସୁଗୁଡାରେ ବୋଲି ଜଣାପଡିଛି। ସେ କିଛିଦିନ ତଳେ ଛୁଟିରେ ଗ୍ରାମକୁ ଯାଇ ଫେରିଥିଲେ। ଏହା ଏକ ପ୍ରେମଜନିତ ମୃତ୍ୟୁ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ସୁକ୍‌ମା ଏସ୍‌ପି କୋଏଲ ଧ୍ରୁବ କହିଛନ୍ତି।

### କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ

କୋରାପୁଟ,୩୧।୧୦(ସ୍ୱ.ପ୍ର.)- ସର୍ଦ୍ଦାର ବଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ ଅବସରରେ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶନିବାର ରାଷ୍ଟ୍ରୀୟ ଏକତା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଆଇ. ରାମବ୍ରହ୍ମମ ଯୋଗଦେଇ ସର୍ଦ୍ଦାର ବଲଭଭାଇ ପଟେଲଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଦେଶର ଏକତା ଅଖଣ୍ଡତା ଓ ନିରାପତ୍ତା ରକ୍ଷା ପାଇଁ ସମସ୍ତେ ଶପଥ ନେବାକୁ ଉପସ୍ଥିତ ଛାତ୍ରୀଛାତ୍ର, ପ୍ରଫେସର, କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ଗୁଣାତ୍ମକ ଶିକ୍ଷା ଦେଶବାସୀଙ୍କୁ ବ୍ୟାପକ କରିଥାଏ। ଏହି ପରିପେକ୍ଷୀରେ ଜନସାଧାରଣଙ୍କ ନିକଟରେ ଗୁଣାତ୍ମକ ଶିକ୍ଷାକୁ ପହଞ୍ଚାଇଲେ ଏହା ଜାତୀୟ ସୁରକ୍ଷାକୁ ମଜଭୂତ କରେ ବୋଲି ସେ ପ୍ରକାଶ କରିଥିଲେ। ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଫେସର ଅସିତ କୁମାର ଦାସ କହିଲେ ଏକତା ଏବଂ ମୁକ୍ତ ଦେଶ ପାଇଁ ପଟେଲ ଯେଉଁ ଅସୁବିଧା ସମ୍ମୁଖୀନ ହୋଇଥିଲେ ସେନେଇ ମତ ରଖିଥିଲେ। ଡିନ ପ୍ରଫେସର ଶରତ କୁମାର ପାଲିତା, ପ୍ରଫେସର ସରୋଜ ପାଣିଗ୍ରାହୀ ପ୍ରଫେସର ପି.ଦୁର୍ଗାପ୍ରସାଦ, ଲୋକ ସଂର୍ପକ ଅଧିକାରୀ ଡକ୍ଟର ଫଗୁନାଥ ଭୋଇ, ଓଆଇସି ସୁଧାକର ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ପଦ୍ମଲୋଚନ ସ୍ୱାଇଁଙ୍କ ସମେତ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

### ବିଧାୟକଙ୍କ ହସ୍ତକ୍ଷେପରେ ଚନ୍ଦାହାଣ୍ଡି ଫେରିଲା ମହାପ୍ରୟାଣ ଗାଡ଼ି

ଚନ୍ଦାହାଣ୍ଡି,୩୧।୧୦(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ମହାପ୍ରୟାଣ ଗାଡ଼ି ପୁଣି ଫେରିଛି। ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝିଙ୍କ ହସ୍ତକ୍ଷେପ ପରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଶନିବାର ଶବବାହକ ଗାଡ଼ିଟିକୁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଫେରାଇ ଅଣାଯାଇଥିବା ଗୋଷ୍ଠୀ ଚିକିତ୍ସାଧିକାରୀ ଡାକ୍ତର ସଂଗ୍ରାମ କେଶରୀ ସାହୁ ସୂଚନା ଦେଇଛନ୍ତି। ପ୍ରକାଶଯୋଗ୍ୟ, ତତ୍କାଳୀନ ବିଧାୟକ ତଥା ଏବେକାର ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ବିଧାୟକ ପାଣ୍ଠିରୁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏହି ମହାପ୍ରୟାଣ ଗାଡ଼ି ଦେଇଥିଲେ। ତେବେ କରୋନା ସଂକ୍ରମିତଙ୍କ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ଗାଡ଼ିଟିକୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାପରେ ଚନ୍ଦାହାଣ୍ଡି ଅଞ୍ଚଳର ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଶୁକ୍ରବାର ଅଞ୍ଚଳର ଜୟନ୍ତୀ ସିନ୍ନା ନାମ୍ନୀ ନାବାଳିକାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। କିନ୍ତୁ ମହାପ୍ରୟାଣ ଗାଡ଼ି ନ ଥିବାରୁ ମୃତଦେହ ଡାକ୍ତରଖାନା ବେଡ୍‌ରେ ୩ ଘଣ୍ଟା ପଡ଼ିରହିଥିଲା। ଏହି ଖବର ପ୍ରଚାର ହେବାପରେ ବିଧାୟକଙ୍କ ହସ୍ତକ୍ଷେପରେ ଜିଲା ପ୍ରଶାସନ ଏଠାରୁ ନେଇଥିବା ଗାଡ଼ି ପୁଣି ଚନ୍ଦାହାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।

# ୩ ପାହାଡ଼ ମଝିରେ ଥିବା ଗାଁର ନାଁ କେମିଲିବେଡ଼ାପଦର

ଦଶମନ୍ତପୁର, ୩୧।୧୦ (ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ରହିଛି ଅନେକ ଦୁର୍ଗମାଞ୍ଚଳ; ଯେଉଁଠିକୁ ଏଯାଏ ରାସ୍ତାଟିଏ ତିଆରି ହୋଇପାରିନି। ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ୍ୟ ଏହି ଦୁର୍ଗମ ଅଞ୍ଚଳରେ ରୋଗୀ ଓ ଗର୍ଭବତୀ ମହିଳା ଭାର ଓ ଦୋଳାରେ ବୁହାହୋଇ ଡାକ୍ତରଖାନା ଯାଆନ୍ତି। ବ୍ଲକର ଲୁଲ୍ଲା ପଞ୍ଚାୟତରେ ଏପରି ଏକ ଗ୍ରାମ ହେଉଛି କେମିଲିବେଡ଼ା ପଦର ଗ୍ରାମର ଆଦିବାସୀ ସାହି। ଏଠାରେ ୫୦ଘର ଆଦିବାସୀ ପରିବାର ବସବାସ କରିଥାନ୍ତି। ଗ୍ରାମକୁ ପୂର୍ବରେ ରହିଛି ମରଣଯନ୍ତା ପାଲଟିଥିବା ରାସ୍ତା, ପଶ୍ଚିମରେ କୁରୁଣୀ ମୂଷା ପାହାଡ଼, ଉତ୍ତରରେ ଗଦଲା ବାଡ଼ି ପାହାଡ଼ ଓ ଦକ୍ଷିଣ ଦିଗରେ ଦୀପରାଣୀ ପାହାଡ଼ ରହିଛି। ସାହିବାସିନ୍ଦା ଚାଷକରି ଏବଂ ମଜୁରି ଲାଗି ଚଳନ୍ତି। ୨୦୦୦ ମସିହାରେ ବାତ୍ୟା, ବନ୍ୟାହୋଇ ଦୀପରାଣୀ ପାହାଡ଼ରୁ ମାଟି ଧସି ସାହିକୁ ବିଚ୍ଛିନ୍ନାଞ୍ଚଳରେ ପରିଣତ କରିଥିଲା। ହରିଜନ ସାହିର ଜଣେ ବ୍ୟକ୍ତି ବନ୍ୟାରେ ଭାସିଯାଇଥିଲେ ବୋଲି କହନ୍ତି ଗ୍ରାମର ଅନି ସାଉନ୍ତା ଓ ଧନେଶ୍ୱର ସାଉନ୍ତା। ସେବେଠାରୁ ଆଜିଯାଏ ଏହି ସାହିକୁ ଖଣ୍ଡିଏ ଭଲ ରାସ୍ତା ତିଆରି ହୋଇନାହିଁ। ଭଲ ରାସ୍ତାଟିଏ ହେଲେ ୭ କି.ମି. ଦୂରରେ ଥିବା ଡି.ସୁଜୁଲି ଓ ପରଜା ସୁଜୁଲି ଗାଁ ଦେଇ ନନ୍ଦିଗାଁ ପଞ୍ଚାୟତକୁ ସଂଯୋଗ କରୁଥିବା ଦଳାଇ ମୁଣ୍ଡା, ଧାଙ୍ଗଡ଼ି ଗାଡର ନଦୀ ଏବଂ ଗାଇଗାଡ଼ ଦେଇ ଗ୍ରାମବାସୀ ସାପ୍ତାହିକ ହାଟ, ବଜାର କରିବା ସହ ରୋଗୀ ଏବଂ ଗର୍ଭବତୀଙ୍କ ଚିକିତ୍ସା ସମ୍ଭବ ହୋଇପାରିବ। ଏବେ ଆରଡି ଛକ ଦେଇ ଡୁଟା ଆମ୍ବ ଛକଠାରୁ ଆଦିବାସୀ ସାହିକୁ ଯିବାକୁ ହେଲେ ଘଞ୍ଚ ଜଙ୍ଗଲ ଓ ମରଣାନ୍ତକ ଦେଢ଼ କି.ମି. ରାସ୍ତା ପାରହେବାକୁ ପଡୁଛି। ବର୍ଷାଦିନେ ଲୋକେ ବାଟରେ ପଡୁଥିବା ନଦୀ ଓ ନାଳ ଯୋଗୁ କେଉଁଆଡ଼େ ନ ଯାଇ ଘରେ ବନ୍ଦୀଙ୍କ ପରି ଜୀବନ ଅତିବାହିତ କରୁଛନ୍ତି। ଏପରି ରାସ୍ତା ଯୋଗୁ ଆଦିବାସୀ ସାହିକୁ କେବେ ଆମ୍ବୁଲାନ୍ସ ଆସି ନ ଥିବା ଗ୍ରାମର ରତ୍ନ ସାଉନ୍ତା, କାଞ୍ଚନ ସାଉନ୍ତା କହିଛନ୍ତି। ଅନେକ ସମୟରେ ସେମାନେ ଆଖପାଖରେ ଥିବା ଦିଶାରୀଙ୍କଠାରୁ ଦେଶୀ ଚେର୍‌ମୂଳି ଔଷଧ ନେଇ ସେବନ କରୁଥିବା କହିଛନ୍ତି। ଆରଡି ଛକଠାରୁ ଡୁଟା ଆମ୍ବ ଛକ ଓ କେମିଲିବେଡ଼ାପଦର ଆଦିବାସୀ ସାହି ଦେଇ ନନ୍ଦିଗାଁ ପଞ୍ଚାୟତକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ଲାଗି ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ନନ୍ଦିଗାଁ ସରପଞ୍ଚ ଧନପତି ସାଉନ୍ତାଙ୍କୁ ପଚାରିବାରୁ ସେ କହିଲେ, ମୁଁ ସାହିର ସମସ୍ୟା ନେଇ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ୨ଥର ଦୃଷ୍ଟି ଆକର୍ଷଣ କରିଛି। ପୋଷ୍ଟାଲରେ ପିଡି ଡିଆର୍‌ଡିଏଙ୍କୁ ଚିଠି ଲେଖିଛି। ମାତ୍ର ଏଯାଏ କୌଣସି ସୁଫଳ ମିଳିନାହିଁ ।


ପାହାଡ଼ ପର୍ବତ ରାସ୍ତା ଦେଇ ଗ୍ରାମବାସୀ ଯାତାୟାତ କରୁଛନ୍ତି।

# ଶ୍ରମଜୀବୀଙ୍କ ଅଧିକାର ପାଇଁ ବ୍ୟାପକ ହେବ ସଂଗ୍ରାମ

ଜୟପୁର,୩୧।୧୦ (ନି.ପ୍ର.)

**ଏଆଇଟିୟୁସି ଶତବାର୍ଷିକୀ ଉତ୍ସବ**

ଏଆଇଟିୟୁସିର ଶହେ ବର୍ଷ ପୂର୍ତ୍ତି ଉତ୍ସବ କୋରାପୁଟ ଜିଲା କମିଟି ପକ୍ଷରୁ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ପତାକା ଉତ୍ତୋଳନ କରିଥିଲେ। ଶତାଧିକ କର୍ମୀ ସହରର ମୁଖ୍ୟ ଟ୍ରାଫିକ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ପରିକ୍ରମା କରିବା ପରେ ଶ୍ରମିକ କର୍ମଚାରୀ ଭବନଠାରେ ଏକ ସଭା ହୋଇଥିଲା। ଏଥିରେ ଯୁଧିଷ୍ଠିର ରାଉଳ ସଭାପତିତ୍ୱ କରିଥିଲେ। ସଭାକୁ ଜିଲା କମ୍ୟୁନିଷ୍ଟ ପାର୍ଟିର ସହ ସମ୍ପାଦକ ରାମକୃଷ୍ଣ ଦାସ ସମ୍ବୋଧିତ କରିଥିଲେ। ପ୍ରମୋଦ ମହାନ୍ତି ତଥ୍ୟଭିତ୍ତିକ ଆଲୋଚନା କରି ଭାରତର ପ୍ରଥମ ଶ୍ରମିକ ସଙ୍ଗଠନ ଏଆଇଟିୟୁସି ଜନ୍ମ ଇତିହାସ ଉପସ୍ଥାପନ କରିଥିଲେ। ସ୍ୱାଧୀନତା ପରେ ଦେଶର ଏକତା, ଅଖଣ୍ଡତା ବଜାୟ ରଖି ସମ୍ବିଧାନର ସୁରକ୍ଷା ସହ ଶ୍ରମିକମାନଙ୍କୁ ସୁରକ୍ଷା ଯୋଗାଇଦେବାରେ ଏଆଇଟିୟୁସି ସଂଗ୍ରାମ ଜାରି ରଖିଛି। ଦେଶରେ ୮ ଘଣ୍ଟାର କାର୍ଯ୍ୟ ସମୟ, ଫ୍ୟାକ୍ଟ୍ରି ଆଇନ, ଶ୍ରମିକ ବିବାଦ ଆଇନ, ବୋନସ ଆଇନ, ଛୁଟିଦିନ ଘୋଷଣା, ଗ୍ରାଚୁଇଟି ଆଇନ ଆଦି ଅନେକ ଶ୍ରମିକ ସପକ୍ଷବାଦୀ ଆଇନ ଲାଗୁ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଏବେ ଶିକ୍ଷିତ କର୍ମଚାରୀଙ୍କୁ ୧୨ରୁ ୧୪ ଘଣ୍ଟା କାମ କରିବାକୁ ପଡୁଛି। କରୋନା ମହାମାରୀ ସମସ୍ୟାକୁ ଅତ୍ୟଧିକ ଉତ୍କଟ କରିଛି । କେନ୍ଦ୍ର ସରକାର କରୋନା ଆଳରେ ପାର୍ଲାମେଣ୍ଟରେ ଆଲୋଚନା ନ କରି ଶ୍ରମିକଙ୍କ ଅଧିକାର ସମ୍ପର୍କିତ ଅନେକ ଆଇନକୁ ଧ୍ୱଂସ କରିଦେଇଛନ୍ତି। ଶ୍ରମିକମାନଙ୍କୁ ସଙ୍ଗଠିତ ହେବାରୁ ବଞ୍ଚିତ କରିଛନ୍ତି। ସଙ୍ଗଠନ ଗଢ଼ିପାରିବେ ନାହିଁ। ଚାକିରିର ଗ୍ୟାରେଣ୍ଟି ନାହିଁ । କୃଷି ଆଇନ ପାସ୍ କରି ସରକାର କୃଷକର ଅଧିକାରକୁ ମଧ୍ୟ ଛଡ଼ାଇନେଇଛନ୍ତି। କୃଷି କ୍ଷେତ୍ରରେ ବହୁଜାତୀୟ କମ୍ପାନୀଙ୍କ ପ୍ରବେଶକୁ ସୁଗମ କରାଯାଇଛି। ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡ଼ିପଡିଛି। ଦରଦାମ ବୃଦ୍ଧି ପାଇ ଏପରି ସ୍ତରରେ ପହଞ୍ଚିଛି ଯେ ସାଧାରଣ ମଣିଷଟିଏ ପରିବାର ଚଳାଇବା କଷ୍ଟକର ହୋଇପଡିଲାଣି ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ଏହି ଅବସରରେ ନଭେମ୍ବର ୨୬ରେ ସମ୍ବିଧାନ ଦିବସରେ ସର୍ବଭାରତୀୟ ସ୍ତରରେ କେନ୍ଦ୍ର ସରକାରଙ୍କ ଶ୍ରମିକ କୃଷକ ନୀତି ବିରୋଧରେ ଦେଶବ୍ୟାପୀ ଧର୍ମଘଟ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। କୋରାପୁଟ ଜିଲାରେ ଆନ୍ଦୋଳନକୁ ସଫଳ କରିବା ପାଇଁ ଦାମନଯୋଡ଼ିଠାରେ ଆସନ୍ତା ୮ତାରିଖରେ ଏକ ମିଳିତ କନ୍‌ଭେନସନ ହେବ। କାର୍ଯ୍ୟକ୍ରମରେ ବଳରାମ ନାୟକ, ସୁଦର୍ଶନ ବିଷୋୟୀ, ରାମଚନ୍ଦ୍ର କମାର, ଧର୍ମେନ୍ଦ୍ର ବାଗ, ନିତ୍ୟାନନ୍ଦ ପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ଏଆଇଟିୟୁସିର ବାହାରିଥିବା ଶୋଭାଯାତ୍ରା।

# ୧୨ ଘଣ୍ଟିଆ ଅନଶନରେ ବସିଲେ ଷ୍ଟେଶନମାଷ୍ଟର

କୋରାପୁଟ,୩୧।୧୦,(ସ୍ୱ.ପ୍ର.)

**ରାତ୍ରିକାଳୀନ ଭତ୍ତା କାଟର ପ୍ରତିବାଦ**

ରାତ୍ରିକାଳୀନ ଭତ୍ତା କାଟ ପ୍ରତିବାଦରେ ଷ୍ଟେସନମାଷ୍ଟରଙ୍କ ଶନିବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ୧୨ ଘଣ୍ଟିଆ ଅନଶନ କରାଯାଇଥିବା କୋରାପୁଟ ରେଲୱେ ଷ୍ଟେଶନ ମାଷ୍ଟର ଏନ.କେ. ଭିତରେ ସୂଚନା ଦେଇଛନ୍ତି। ଏହି ପ୍ରତିବାଦ ଅବସରରେ ରେଳ ଚଳାଚଳ ଓ ଏହାର ସୁରକ୍ଷାରେ କୌଣସି ବାଧା ଉପୁଜିଯିବ ନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି । ରାତ୍ରିକାଳୀନ ଭତ୍ତା କାଟ ପ୍ରତିବାଦରେ ଖୋର୍ଦ୍ଧା ରୋଡ ରେଲୱେ ଡିଭିଜନର ସମସ୍ତ କର୍ତବ୍ୟରତ ଷ୍ଟେସନ ମାଷ୍ଟରମାନେ ସାମିଲ ହୋଇଥିଲେ। ଏହା ସତ୍ତ୍ୱେ ଯଦି କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ନ ହୁଏ ତେବେ ଆଗାମୀ ବୈଠକରେ ଦୃଢ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି ସଂଘ ପ୍ରକାଶ କରିଛି। ସମସ୍ତ ପ୍ରତିକୁଳ ପରିସ୍ଥିତି ଏବଂ ଶାରୀରିକ ତଥା ମାନସିକ ଚାପ ସତ୍ତ୍ୱେ ରାତି ଉଜାଗର ରହି ସୁରକ୍ଷିତ ଟ୍ରେନ ଚଳାଚଳକୁ ଷ୍ଟେଶନମାଷ୍ଟରମାନେ ସୁଚାରୁ ରୂପେ ସମ୍ପାଦନ କରିବା ଲାଗି ଏହି ଭତ୍ତା ବ୍ୟବସ୍ଥା ହୋଇଥିଲା। ନିକଟରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ଏହା ଉପରେ ସିଲିଂ ବ୍ୟବସ୍ଥା ଲାଗୁ କରାଗଲା । ଅର୍ଥାତ୍ ଯେଉଁ କର୍ମଚାରୀଙ୍କ ମୂଳ ଦରମା ୪୩,୬୦୦ରୁ ଉର୍ଦ୍ଧ୍ୱ ହୋଇଥିବ ସେମାନେ ରାତ୍ରିରେ କର୍ତ୍ତବ୍ୟରତ ରହିଲେ ମଧ୍ୟ ରାତ୍ରିକାଳୀନ ଭତ୍ତା ମିଳିବ ନାହିଁ। ଏଥିଯୋଗୁ ଷ୍ଟେସନ ମାଷ୍ଟରଙ୍କ ସମେତ ଅନ୍ୟ କେତେକ କର୍ମଚାରୀଙ୍କୁ ଆର୍ଥିକ କ୍ଷତି ସହିବାକୁ ପଡିବ ।


କୋରାପୁଟରେ ଷ୍ଟେଶନମାଷ୍ଟର ଅନାନରେ ବସିଛନ୍ତି।

### ୭ହଜାର ୩ଶହ ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା

କୋରାପୁଟ,୩୧।୧୦,(ସ୍ୱ.ପ୍ର.)– କୋରାପୁଟ ଜିଲାରେ ଶନିବାର ୨୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭୩୨୭ରେ ପହଞ୍ଚିଛି। ଶନିବାର ଚିହ୍ନଟ ୨୪ ଜଣଙ୍କ ମଧ୍ୟରେ ଜିଲାର ଜୟପୁର ପୌରାଞ୍ଚଳରୁ ୩ ଜଣ, କୋରାପୁଟ ପୌରାଞ୍ଚଳରୁ ୪, ସୁନାବେଡା ପୌରାଞ୍ଚଳରୁ ୪ ଓ କୋଟପାଡ ଏନଏସିରୁ ଜଣେ ରହିଛନ୍ତି। ସେହିପରି ବୋରିଗୁମ୍ମା ବ୍ଲକରୁ ୨ ଜଣ , ବୈପାରିଗୁଡା ବ୍ଲକରୁ ୩, କୋରାପୁଟ ବ୍ଲକରୁ ୨, ଜୟପୁର,କୋଟପାଡ,ନନ୍ଦପୁର,ପଟ୍ଟାଙ୍ଗି ଓ ଲକ୍ଷ୍ମୀପୁର ବ୍ଲକରୁ ଜଣେ ଲେଖାଏ ଚିହ୍ନଟ ହୋଇଥିବା ଜିଲାପାଳ ମଧୁସୂଦନ ମିଶ୍ର କହିଛନ୍ତି।

### ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ

ନବରଙ୍ଗପୁର,୩୧।୧୦(ବି.ପ୍ର.)

ଭାଜପା ପକ୍ଷରୁ ପୂର୍ବତନ ଉପ ପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୪୬ତମ ଜୟନ୍ତି ନନ୍ଦାହାଣ୍ଡି ବ୍ଲକ୍ ନରସିଂଗୁଡାଠାରେ ପାଳିତ ହୋଇଯାଇଛି। ପଟେଲଙ୍କ ନୀତି ଆଦର୍ଶକୁ ମନେ ପକାଇବା ସହ ଜିଲା ସଭାପତି ଜଗଦିଶ ଚନ୍ଦ୍ର ବିଷୋୟୀଙ୍କ ଉପସ୍ଥିତିରେ ସଂକଳ୍ପ ପାଠ କରାଯାଇଥିଲା। ଏହି ଅବସରରେ ଯୁବ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀ ଶଙ୍କର ମାଝି ଧୋଡ୍ରା ପଞ୍ଚାୟତ ତଥା ବ୍ଲକ୍‌ରେ ଚାଲିଥିବା ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଡଙ୍ଗରଭେଜା ମଣ୍ଡଳ ସାଧାରଣ ସମ୍ପାଦକ ରାମଚନ୍ଦ୍ର ବିଷୋୟୀ, ଶ୍ରୀନିବାସ ଶତପଥୀ, ଧୋଡ୍ରା ପୂର୍ବତନ ସରପଞ୍ଚ ଗଜେନ୍ଦ୍ର ନାୟକ, ମେଂଟ୍ରିସମିତିସଭ୍ୟ ଟିକିମାଝି, ଭାବଗ୍ରାହୀ ବେନ୍ୟା, ମଣ୍ଡଳ ଯୁବଯୋର୍ଚ୍ଚା ସଭାପତି ଗଣେଶ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ।

# ମା' ବାଟମଙ୍ଗଳା ମନ୍ଦିରରେ ୧୦ ହଜାର୧୦୮ ଦୀପଦାନ



ବାଟମଙ୍ଗଳାଙ୍କ ମନ୍ଦିର ସମ୍ମୁଖରେ ଜଳାଯାଇଥିବା ଦୀପ।

କୋରାପୁଟ,୩୧।୧୦(ସ୍ୱ.ପ୍ର.)–

ପବିତ୍ର କୁମାର ପୂର୍ଣ୍ଣିମା ଅବସରରେ ଶନିବାର ସନ୍ଧ୍ୟାରେ କୋରାପୁଟସ୍ଥିତ ମା' ବାଟ ମଙ୍ଗଳାଙ୍କ ମନ୍ଦିର ପରିସରରେ ୧୦ ହଜାର ୧୦୮ ଦୀପଦାନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। କୋଭିଡ୍ ଗାଇଡଲାଇନ ଅନୁସରଣ କରି ମନ୍ଦିରର ମୁଖ୍ୟ ପୂଜକ ନିଳାମ୍ବର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଦୀପଦାନ କାର୍ଯ୍ୟରେ ମନ୍ଦିର ପରିଚାଳନା କମିଟିର କେତେକ ସଦସ୍ୟ ଓ ପୂଜକଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ। ବିଶ୍ୱ କଲ୍ୟାଣ ଓ କୋରାପୁଟ ସହରବାସୀଙ୍କ ମଙ୍ଗଳକାମନା କରି ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ମନ୍ଦିର ସମ୍ମୁଖରେ ଦୀପ ପ୍ରଜ୍ୱଳନ କରାଯାଇଥିଲା । ସେହିପରି କରୋନା ମହାମାରୀରୁ ଲୋକଙ୍କୁ ରକ୍ଷା କରିବା ଲାଗି ମା'ଙ୍କ ନିକଟରେ ବିଶେଷ ପୂଜାର୍ଚ୍ଚନା ହୋଇଥିଲା । ମା'ଙ୍କ ମହାସ୍ନାନ ନୀତି,ଷୋଡଶ ଉପଚାର ପୂଜା ତଥା ଚଣ୍ଡୀ ପାଠ ସମ୍ପାଦନ ହୋଇ ସନ୍ଧ୍ୟାରେ ଗଜଲକ୍ଷ୍ମୀ ବେଶ ହୋଇଥିଲା।

# ନାଲ୍‌କୋରେ ଇନ୍ଦିରା ଗାନ୍ଧୀଙ୍କ ବଳିଦାନ ଦିବସ ପାଳିତ

ଦାମନଯୋଡି,୩୧।୧୦(ଡି.ଏନ୍.ଏ.)

ନାଲ୍‌କୋ ଖଣି ଓ ପରିଶୋଧନ ପ୍ରକଳ୍ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ବଳିଦାନ ଦିବସ ପାଳିତ ହୋଇଛି। ସକାଳେ ଟାଉନଶିପ୍ ମୁଖ୍ୟ ଫାଟକ ନିକଟରେ ଥିବା ପ୍ରିୟଦର୍ଶିନୀ ପାର୍କରେ ଇନ୍ଦିରାଙ୍କ ପ୍ରତିମୂର୍ତ୍ତିରେ ନାଲ୍‌କୋ ଅଧିକାରୀ, କର୍ମଚାରୀ ଓ ଜନସାଧାରଣ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ। ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବିଶଙ୍କର ଦାସ, ମହା ପ୍ରବନ୍ଧକ ଭୀମସେନ ପ୍ରଧାନ, ନେତ୍ରାନନ୍ଦ ମହାରଣା, ଏଜିଏମ୍ ଶଶାଙ୍କ ଶେଖର ସାହୁଙ୍କ ସହ ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ । ସେହିପରି ନାଲ୍‌କୋ ପ୍ରଶାସନିକ ଭବନ, ପ୍ଲାଣ୍ଟ କାର୍ଯ୍ୟାଳୟ ଆଦି ସ୍ଥାନରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି। ଏଥିରେ ନାଲ୍‌କୋ ଅଧିକାରୀ ଓ କର୍ମଚାରୀ ରାଷ୍ଟ୍ରୀୟ ଏକତାର ଶପଥ ନେଇଥିଲେ ।


କର୍ମଚାରୀମାନେ ଶପଥପାଠ କରୁଛନ୍ତି ।

# ଶହୀଦଙ୍କୁ ଝୁରୁଛି ମାଟି

ମାଲକାନଗିରି,୩୧।୧୦ (ଡି.ଏନ୍.ଏ.)

**ରମେଶ ହାଲ୍‌ବାଙ୍କ ୧୧ତମ ଶହୀଦ ଦିବସ**

ମାଲକାନଗିରି ଜିଲା ସଦର ମହକୁମା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରମେଶ ହାଲବାଙ୍କ ଏକାଦଶତମ ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ଅତିଥିମାନେ ହାଲବାଙ୍କ ଘରକୁ ଯାଇ ପରିବାର ବର୍ଗଙ୍କୁ ସାକ୍ଷାତ କରି ସେମାନଙ୍କୁ ସାନ୍ତ୍ୱନା ଦେଇଥିଲେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି କି ନାହିଁ ପଚାରି ବୁଝିଥିଲେ। ଶିକ୍ଷକ ନିରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ହୋଇଥିବା ସ୍ମୃତିସଭାରେ ବିଏସ୍‌ଏଫ ପଦାଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରି ଏବେ ମଧ୍ୟ ଶହୀଦ ହାଲବାଙ୍କୁ ତାଙ୍କ କର୍ମକ୍ଷେତ୍ର ଓ ଗାଁ ମାଟି ଝୁରୁଛି ବୋଲି କହିଥିଲେ। ଶହୀଦଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ୨୦୨ କୋବ୍ରା ରେଜିମେଣ୍ଟର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁନିଲ କୁମାର ମୁଖ୍ୟଅତିଥି ରୂପେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସଆଇ ସନ୍ଦିପ ଶର୍ମା, ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ଶିକ୍ଷକ ନନିଗୋପାଳ ଦାସ, ଦିନେଶ ହାଲବା, ସୁରେଶ ହାଲବା, କୁରୁପେ ପ୍ରସାଦ, ଅମଲ କପେ, ଧନଞ୍ଜୟ ମୁର୍ମୁ ଉପସ୍ଥିତ ଥିଲେ । ସୂଚନଯୋଗ୍ୟ ଯେ, ରମେଶ ହାଲବା ମାଲକାନଗିରି ସଦର ମହକୁମାରେ ୧୨।୪।୧୯୮୪ରେ ଜନ୍ମଗ୍ରହଣ କରିଥିଲେ। ସେ ୧୭୯ ସିଆରପିଏଫ୍ ବାଟାଲିୟନରେ ଯୋଗ ଦେଇଥିଲେ। ଗତ ୨୯।୧।୨୦୦୯ରେ ଜାମ୍ମୁ କାଶ୍ମୀରର ବାରମୁଲା ଜିଲା ଅନ୍ତର୍ଗତ ସପୁରା ବଜାରକୁ ପ୍ରଶାସନିକ କାର୍ଯ୍ୟରେ ୩ଜଣ ଯବାନ ଅସ୍ତ୍ରଶସ୍ତ୍ର ଏବଂ ଦେହରେ ବୁଲେଟ ଜାକେଟ ପରିଧାନ କରି ଆସିଥିବା ବେଳେ କେତେକ ଆତଙ୍କବାଦୀ ରମେଶଙ୍କ ସହ ଅନ୍ୟ ଦୁଇଜଣ ଯବାନଙ୍କୁ ମୁଣ୍ଡ ପଛପଟୁ ଗୁଳି କରିଥିଲେ। ଏଥିରେ ରମେଶ ଶହୀଦ ହୋଇଥିଲେ।

# ଚାଷୀଙ୍କୁ ଅବହେଳା କଲେ ଆନ୍ଦୋଳନ

ମାଲକାନଗିରି,୩୧।୧୦ (ଡି.ଏନ୍.ଏ.)

- ପ୍ରକୃତ ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରୁନି
- ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ହେଉ ତଦନ୍ତ
- ପଞ୍ଚାୟତ,ବ୍ଲକ ସ୍ତରରୁ ଚାଷୀ ତାଲିକା ପ୍ରସ୍ତୁତ ନେଇ ପରାମର୍ଶ

ମାଲକାନଗିରି ଜିଲାରେ ଚାଷୀଙ୍କୁ ଅବହେଳା କରାଗଲେ ରାଷ୍ଟ୍ରୀୟ କିଶାନ ମଜୁଦର ମହାସଂଘ ଜୋରଦାର ଆନ୍ଦୋଳନ କରିବ। ମହାସଂଘର ନୂତନ ସଭାପତି ସମ୍ବର୍ଦ୍ଧିତ ହେବା ଅବସରେ ଏହି ଚେତାବନୀ ଦେଇଛନ୍ତି। ରାଷ୍ଟ୍ରୀୟ କିଶାନ ମଜୁଦୁର ମହାସଂଘର ମାଲକାନଗିରି ଜିଲା ସଭାପତି ଭାବେ ସନୁ ଅନୁରୁ, ଉପସଭାପତି ଭୀମସେନ ନାୟକ, ଓ ମଙ୍ଗଳା ଦୁରୁଆ ନିର୍ବାଚିତ ହେବା ପରେ ଶନିବାର ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲାରେ ଚାଷୀଙ୍କୁ ଶୋଷଣ କରା ଯାଉଥିବା ଅଭିଯୋଗ କରି ସେ କହିଛନ୍ତି ଯେ, ପ୍ରକୃତ ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରୁ ନାହିଁ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରୁ ଚାଷୀ ଉପକୃତ ହେଉନାହାନ୍ତି। କୃଷି ଋଣ, କୃଷି ସାମଗ୍ରୀରେ ରିହାତି, ଠିକ୍ ସମୟରେ ସାର ଓ ବିହନ ମିଳୁନାହିଁ। ବନ୍ୟା ବାତ୍ୟ ସମୟରେ କ୍ଷତିଗ୍ରସ୍ତ ଚାଷୀ ସହାୟତା ପାଉନାହାନ୍ତି। ଚାଷୀଙ୍କ କଷ୍ଟାର୍ଜିତ ଖାଦ୍ୟ ଶସ୍ୟ ଓ ପନିପରିବାକୁ କମ ଦରରେ ବ୍ୟବସାୟୀମାନେ କିଣି ନେଉଛନ୍ତି। ଜିଲା ସଦର ମହକୁମା ଓ ବ୍ଲକ ସଦର ମହକୁମାରେ ଅନେକ ଚାଷ ଜମିରେ ଅଟାଳିକା ନିର୍ମାଣ ହୋଇଥିଲେ ମଧ୍ୟ ସାବକ ପଟ୍ଟାରେ ଲ୍ୟାମ୍ପରେ ପଞ୍ଜିକରଣ କରି ଦାନ ବିକ୍ରି କରୁଛନ୍ତି। ଏହାର ତଦନ୍ତ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା କରିବାକୁ ସେ ଦାବି କରିଛନ୍ତି। କରୋନା ମହାମାରୀ ଯୋଗୁ ଗୋଟିଏ ସ୍ଥାନରେ ଅଧିକ ଲୋକ ଏକତ୍ରିତ ହେବାକୁ ବାରଣ କରାଯାଇଛି। ଅଥଚ ଜିଲାପାଳ ଦାୟିତ୍ୱରେ ଥିବା ସରପଞ୍ଚମାନେ କୁକୁଡା ଗାଲି ଆୟୋଜନ କରି କିପରି ଶହ ଶହ ଲୋକଙ୍କୁ ଏକାଠି କରୁଛନ୍ତି। ଏଥିପ୍ରତି ଜିଲାପାଳ କାହିଁକି ପଦକ୍ଷେପ ନେଉନାହାନ୍ତି ବୋଲି ଅନୁରୁ ପ୍ରଶ୍ନ ଉଠାଇଛନ୍ତି। ଏହି ଅବସରରେ ପଞ୍ଚାୟତ ଓ ବ୍ଲକ ସ୍ତରରୁ ଚାଷୀଙ୍କ ତାଲିକା ପ୍ରସ୍ତୁତ କରିବା ସହ ସେମାନେ ଯେପରି ସମସ୍ୟାର ସମ୍ମୁଖୀନ ନ ହେବେ ସେଥିପ୍ରତି ରାଷ୍ଟ୍ରୀୟ କିଶାନ ମଜୁଦର ସଂଘ ପଦକ୍ଷେପ ନେଉ ବୋଲି ସେ ପରାମର୍ଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ଦୁର୍ଯ୍ୟୋଧନ ପାତ୍ରଙ୍କ ସହ ୩୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଓ ଚାଷୀମାନେ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, କର୍ମକର୍ତ୍ତା।

## କୁମାରପୂର୍ଣ୍ଣିମାରେ ଚାନ୍ଦ ପୂଜିଲେ ଯୁବତୀ

ଏମ୍‌ଭି ୭୯,(ଡି.ଏନ.ଏ.)-ମାଲକାନଗିରି ଜିଲା କାଲିମେଳା ବ୍ଲକରେ କୁମାରପୂର୍ଣ୍ଣିମା ଉତ୍ସବ ଆନନ୍ଦ ଉଲ୍ଲାସର ସହ ଶନିବାର ପାଳିତ ହୋଇଛି। ଭାଦ୍ରବ ପୂର୍ଣ୍ଣିମା ବା ଇନ୍ଦୁ ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିବା ଜହ୍ନିଓଷା ମଧ ଏହି ଅବସରରେ ଉଦ୍‌ଯାପିତ ହୋଇଛି। କୁମାରୀମାନେ ସକାଳୁ ଗାଧୋଇ ନୂଆ ଲୁଗା ପିନ୍ଧି ଗୁଆ, ଖଇ, ଫଳ, ପୁଷ୍ପର ଆଞ୍ଜୁଳି ଟେକି ସୂର୍ଯ୍ୟଙ୍କୁ ପ୍ରଣାମ କରନ୍ତି । ସନ୍ଧ୍ୟା ହେଲେ ତୁଳସୀ ଚଉରା ମୂଳରେ ଜହ୍ନିଫୁଲରେ କୋଠି ଚାଉଳ ପିଠଉରେ ଜହ୍ନ ତିଆରି କରି କଳସ ସ୍ଥାପନ କରି ପୂଜା କରନ୍ତି । ଜହ୍ନ ଉଇଁଲେ ଜହ୍ନିଫୁଲ, ଫଳ,ଖଇ ଆଦି ଆଞ୍ଜୁଳି ଟେକି କୁମାରପୂର୍ଣ୍ଣିମା ଗୀତ ଗାଇ ପୂଜାର୍ଚ୍ଚନା କରିଛନ୍ତି।

## ସଂକ୍ଷେପରେ

### ଜୟପୁରରେ ଗଜଲକ୍ଷ୍ମୀପୂଜା

ଜୟପୁର, ୩୧।୧୦ (ନି.ପ୍ର./ଡି.ଏନ୍.ଏ.)- କୋରାପୁଟ ଜିଲା ଜୟପୁର ସହରର ୩ଟି ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ଶୁକ୍ରବାର ବିଳମ୍ବିତ ରାତିରୁ ହୋମଯଜ୍ଞ ସହ ଆରମ୍ଭ ହୋଇଛି । ରଥପଡିଆ ଛକ, ମହାନ୍ତିସାହି ଏବଂ ବାଙ୍କମଠଠାରେ ଦେବୀଙ୍କ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା ହେଉଛି । ଜୟପୁର ରଜାନଅରଠାରେ ୧୦ ଦିନ ଧରି ମା'ଙ୍କ ପୂଜାର୍ଚ୍ଚନା କରାଯିବ । କୋଭିଡ୍ ନିୟମ ଅନୁଯାୟୀ ୪ ଫୁଟର ମୃଣ୍ମୟୀ ମୂର୍ତ୍ତି କରାଯାଇଛି। ଶ୍ରଦ୍ଧାଳୁଙ୍କୁ ଦର୍ଶନ ମନା ହୋଇଛି । ରୀତିନୀତି ଓ ପରମ୍ପରା ଅନୁଯାୟୀ ପୂଜା ଚାଲିଥିବା ପୂଜା କମିଟି ପକ୍ଷରୁ କୁହାଯାଇଛି।

### ଦାମନଯୋଡ଼ିରେ ଗଜଲକ୍ଷ୍ମୀପୂଜା

ଦାମନଯୋଡ଼ି,୩୧।୧୦(ଡି.ଏନ୍.ଏ.)- କୋଭିଡ୍ କଟକଣା ମଧରେ କୋରାପୁଟ ଜିଲାର ଦାମନଯୋଡ଼ି ନାଲ୍‌କୋ ଟାଉନଶିପ୍ ଓ ମାଥାଲପୁଟରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ମନୋରଞ୍ଜନ ପଣ୍ଡା ଓ ଜ୍ୟୋସ୍ନାରାଣୀ ପଣ୍ଡା କର୍ତ୍ତା ରୂପେ ଦାୟିତ୍ୱ ତୁଲାଉଛନ୍ତି। ପୂଜକ ବିଷ୍ଣୁପ୍ରସାଦ ଦାଶ ଓ ଜ୍ୟୋତିରଞ୍ଜନ ନନ୍ଦ ପୂଜାର୍ଚ୍ଚନା କରୁଛନ୍ତି। ସେକ୍ଟର-୧ ଓ ୨ରେ ମିଳିତ ରୂପେ ହୋଇଥିବା ପୂଜାକୁ ଟି.ଏନ୍. ମହାନ୍ତି ଓ ବି.କେ. ସ୍ୱାଇଁ ପରିଚାଳନା କରୁଥିବା ପୂଜା କମିଟି କର୍ମକର୍ତ୍ତା ବିରଞ୍ଚି ନାରାୟଣ ମହାନ୍ତି ସୂଚନା ଦେଇଛନ୍ତି। ସେକ୍ଟର-୩ରେ ହୋଇଥିବା ପୂଜାରେ ବସନ୍ତ କୁମାର ପଣ୍ଡା ଓ ମୋନାଲିସା ପଣ୍ଡା କର୍ତ୍ତା ରୂପେ ଦାୟିତ୍ୱ ତୁଲାଇଛନ୍ତି। କମିଟି ସମ୍ପାଦକ ଚିନ୍ମୟ କୁମାର ସାହୁ ଓ ସଞ୍ଜୟ ଚାନ୍ଦ ପରିଚାଳନା କରୁଛନ୍ତି।

### ଧାନ ଗଦା ଜାଳିଦେଲେ ଦୁର୍ବୃତ୍ତ

ଗୁଣପୁର,୩୧।୧୦(ଡି.ଏନ୍.ଏ.) - ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ କୁରୁଗୁଡା ଗ୍ରାମରେ ଶୁକ୍ରବାର ରାତିରେ କେହି ଦୁର୍ବୃତ୍ତ କାଣ୍ଡେୟା ଶବରଙ୍କ ଧାନ ଗଦାରେ ନିଆଁ ଲଗାଇ ଦେଇ ଥିବା ଅଭିଯୋଗ ହୋଇଛି। ଏ ନେଇ କାଣ୍ଡେୟା ଶନିବାର ଗୁଣପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି।

### ଦାୟିତ୍ୱ ନେଲେ ନୂତନ ଥାନାଧିକାରୀ

ଗୁଣପୁର,୩୧।୧୦(ଡି.ଏନ୍.ଏ.)- ଗୁଣପୁର ଥାନା ଅଧିକାରୀଭାବେ ଶନିବାର ମନୋଜ ବେହେରା କାର୍ଯ୍ୟରେ ଯୋଗଦାନ କରିଛନ୍ତି । ବିଦାୟୀ ଆଇଆଇସି ରଶ୍ମିରଞ୍ଜନ ପ୍ରଧାନଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବେହେରା ଏଥିପୂର୍ବରୁ ରାୟଗଡ଼ା ଡିଆଇବିରେ କାର୍ଯ୍ୟରତ ଥିଲେ।

### ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ଗୁଣପୁର,୩୧।୧୦(ଡି.ଏନ୍.ଏ.) ରାୟଗଡ଼ା ଜିଲା ଗୁଣପୁର ଥାନା ଏବଂ ଜିଆଇଇଟି ବିଶ୍ୱବିଦ୍ୟାଳୟଠାରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି। ଗୁଣପୁର ଥାନାରେ ଏସ୍‌ଡିପିଓ ରାଜ କିଶୋର ଦାସ ଏବଂ ଜିଆଇଇଟିଠାରେ ରେଜିଷ୍ଟ୍ରାର ଏନ୍. ଭି. ଜେ ରାଓ ଉପସ୍ଥିତ ରହି ରାଷ୍ଟ୍ରୀୟ ଏକତାର ଶପଥ ପାଠ କରାଇଥିଲେ।

### କୀଟନାଶକ ପିଇ ଆତ୍ମହତ୍ୟା

ପଦ୍ମପୁର,୩୧।୧୦(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଆଖୁସିଙ୍ଗି ପଞ୍ଚାୟତର ସିଙ୍ଗିପୁର ଗ୍ରାମରେ ଶନିବାର କୀଟନାଶକ ପିଇ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ହେଲେ ଗାଁର କାର୍ତ୍ତିକ ଶବର(୪୫)। କାର୍ତ୍ତିକ ମଦ୍ୟପାନ କରୁଥିବାବେଳେ ଶନିବାର କୌଣସି କାରଣରୁ ସେ କୀଟନାଶକ ପିଇଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପଦ୍ମପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତେବେ ଆତ୍ମହତ୍ୟାର କାରଣ ଜଣାପଡ଼ି ନ ଥିବାବେଳେ ପରିବାର ଲୋକଙ୍କ ଅନୁପସ୍ଥିତିରେ ସେ ଏଭଳି ନିଷ୍ପତ୍ତି ନେଇଥିବା ଝିଅ ଦ୍ରଶମିନି ଏବଂ ଭାଉଜ କହିଛନ୍ତି। ଏ ନେଇ ପଦ୍ମପୁର ପୋଲିସ ଥାନାରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ସୂଚନା ମିଳିଛି।

## ପୂଜା ମଣ୍ଡପରେ ଗଜଲକ୍ଷ୍ମୀ


ଜୟପୁର ମହାନ୍ତି ସାହି ।


ଜୟପୁର ରଥପଡ଼ିଆ ଛକ ।


ଦାମନଯୋଡି


ବିଷମକଟକ


ନବରଙ୍ଗପୁର


ରାୟଗଡ଼ା

## ରାୟଗଡ଼ାରେ ଚାଲିଛି ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା

ରାୟଗଡ଼ା ଅଫିସ/ବିଷମକଟକ, ୩୧।୧୦

କୋଭିଡ଼ କଟକଣା ମଧ୍ୟରେ ଚଳିତବର୍ଷ ମାଁ ଗଜଲକ୍ଷ୍ମୀ ଙ୍କ ପୂଜା ଅନୁଷ୍ଠିତ ହେଉଛି। ରାୟଗଡ଼ା ସହରର ନ୍ୟୁ କଲୋନୀ, ରାମାଟକିଜ୍, ଆର୍.କେ. ନଗର ଅଞ୍ଚଳରେ ମା'ଙ୍କ ମଣ୍ଡପ ଝଲସି ଉଠୁଛି। ଶ୍ରଦ୍ଧାଳୁଙ୍କ ଦର୍ଶନ ବାରଣ କରାଯାଇଥିବାବେଳେ କେବଳ କମିଟି ସଦସ୍ୟଙ୍କ ଦ୍ୱାରା ପୂଜା ଚାଲିଛି। ରାମାଟକିଜ୍ ଠାରେ ୯ ବର୍ଷ ଧରି ପୂଜା ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ୪ ଫୁଟରେ ମୂର୍ତ୍ତି ପୂଜା ପାଉଛନ୍ତି। ପୂଜାରେ ସଭାପତି କାମରାଜ ପାଣିଗ୍ରାହୀ ଏବଂ ସଦସ୍ୟ ରାଜେନ୍ଦ୍ର ମିଶ୍ର, ସଦାଶିବ ତ୍ରିପାଠୀ ସହଯୋଗ କରୁଛନ୍ତି। ଦେବି ପ୍ରସାଦ କର ପୂଜକ ଭାବେ ମା'ଙ୍କ ପୂଜାର୍ଚ୍ଚନା କରୁଛନ୍ତି। ସେହିପରି ବିଷମକଟକସ୍ଥିତ ଦୋଳ ମଣ୍ଡପଠାରେ ମଧ ୭ ସଦସ୍ୟଙ୍କୁ ନେଇ ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ଚାଲିଛି।

## ବିଭିନ୍ନ ଜୁଆ ଆଡ୍ଡାରେ ଚଢ଼ାଉ ୭୭ ଜୁଆଡ଼ି ଅଟକ

ରାୟଗଡ଼ା ଅଫିସ,୩୧।୧୦

କୁମାର ପୂର୍ଣ୍ଣିମା ପାଇଁ ବିଭିନ୍ନ ସ୍ଥାନରେ ଜୁଆ ଖେଳ ଚାଲିଥିବାବେଳେ ରାୟଗଡ଼ା ପୋଲିସ ଜିଲାର ବିଭିନ୍ନ ସ୍ଥାନରୁ ୭୭ ଜୁଆଡ଼ିଙ୍କୁ ଆଣି ଅଟକ ରଖିଛି। ସେମାନଙ୍କ ନିକଟରୁ ୩ଲକ୍ଷ ୫୨ହଜାର ୭୫୦ ଟଙ୍କା, ୧୦ ମୋବାଇଲ୍, ୧୮ ବାଇକ୍, ୧ ସାଇକେଲ, ଖେଳ ସାମଗ୍ରୀ ଜବତ କରାଯାଇଛି। ୨୩ ତାରିଖରୁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଏ ନେଇ ଥାନାରେ ୧୫ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ କେନ୍ଦ୍ରୀୟ ସମୀକ୍ଷକ ଦଳ

ନବରଙ୍ଗପୁର/ଡାବୁଗାଁ, ୩୧।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲାରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି କେନ୍ଦ୍ରୀୟ ସମୀକ୍ଷକ ଦଳ। ଶ୍ରୀନିବାସ ରେଡ୍ଡି ଏବଂ ରାମମୋହନ ରେଡ୍ଡିଙ୍କୁ ନେଇ ଗଠିତ ୨ ଜଣିଆ ଟିମ୍ ଶୁକ୍ରବାର ଡାବୁଗାଁ ବ୍ଲକ୍‌ର ଘୋଡ଼ାଖୁଣ୍ଟା, ଜୁନାପାଣି ଓ ଚଚରାଗୁଡ଼ା ପଞ୍ଚାୟତ ଗସ୍ତକରି ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପିଏମ୍‌ଏୱାଇ, ଜାତୀୟ ପେନ୍‌ସନ ଯୋଜନା, ଏସ୍‌ଏଚ୍‌ଜି ଯୋଜନା ସମେତ ଗ୍ରାମ୍ୟ ଉନ୍ନୟନ, ବନ ବିଭାଗ, ଉଦ୍ୟାନ, ମୃତ୍ତିକା ସଂରକ୍ଷଣ ବିଭାଗରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ତଥା ଉନ୍ନୟନ ପ୍ରକଳ୍ପଗୁଡ଼ିକୁ ପରିଦର୍ଶନ କରି ସମୀକ୍ଷା କରିଥିଲେ। ଏଥିସହ ହିତାଧିକାରୀଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ସେହିପରି ଶନିବାର ନବରଙ୍ଗପୁର ବ୍ଲକ୍ ମଡ଼କୁମୁଲି ପଞ୍ଚାୟତ ଗସ୍ତରେ ଯାଇ ୭ ଚେକ୍‌ଡ୍ୟାମ୍ ପରିଦର୍ଶନ କରିଥିଲେ। ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ ନାୟକ, ଡିଆର୍‌ଡିଏର କାର୍ଯ୍ୟକାରୀ ଅଧିକାରୀ ରାଜେଶ ପଟ୍ଟନାୟକ, ଡାବୁଗାଁ ଭାରପ୍ରାପ୍ତ ବିଡିଓ ପଦ୍ମନାଭ ତ୍ରିପାଠୀ, ସହକାରୀ ଯନ୍ତ୍ରୀ ବିଜୟ କୁମାର ସିଂ, ସିଡିପିଓ ଯମୁନା ଭତ୍ରା, ମିଶନ ଶକ୍ତି ସଂଯୋଜିକା ରୋଜାଲିନ୍ ପ୍ରଧାନ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ବନବାସ ନାୟକ, ସମସ୍ତ କନିଷ୍ଠ ଯନ୍ତ୍ରୀ ଓ ବ୍ଲକ୍‌ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଟିମ୍‌କୁ ସହଯୋଗ କରିଥିଲେ।


ଉନ୍ନୟନ କାର୍ଯ୍ୟ ସମୀକ୍ଷାରେ ଆସିଥିବା କେନ୍ଦ୍ରୀୟ ଦଳ ।

# ୪୫୦ ଚାଷୀଙ୍କ ନାମ ପଞ୍ଜୀକରଣ ପାଇଁ ସଚିବଙ୍କୁ ପତ୍ର ଲେଖିଲେ ବିଧାୟକ

ଚନ୍ଦାହାଣ୍ଡି,୩୧।୧୦(ଡି.ଏନ୍.ଏ.)

ଚଳିତ ବର୍ଷ ଖରିଫ ମଣ୍ଡିରେ ଧାନ ବିକ୍ରି ନିମନ୍ତେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍‌ର ୪୫୦ ଚାଷୀ ବିଭିନ୍ନ କାରଣରୁ ମଣ୍ଡିରେ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିପାରି ନ ଥିଲେ। ଯଦ୍ଦ୍ୱାରା ସେମାନେ ମଣ୍ଡିରେ ଧାନ ବିକ୍ରିରୁ ବଞ୍ଚିତ ହେବାକୁ ଯାଉଥିଲେ। ତେଣୁ ଚାଷୀ ଚିନ୍ତାରେ ପଡ଼ିଥିଲେ। ଏ ନେଇ ପଦକ୍ଷେପ ନେବାପାଇଁ ସେମାନେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଏବଂ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କୁ ଜଣାଇଥିଲେ। ଏମ୍‌ପି ଏ ବିଷୟରେ ଜିଲା ପ୍ରଶାସନ ସହ ଆଲୋଚନା କରିଥିବାବେଳେ ବିଧାୟକ ଚାଷୀଙ୍କ ପଞ୍ଜୀକରଣ ଅବଧି ବୃଦ୍ଧି କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେବାସହ ରାଜ୍ୟ ଖାଦ୍ୟ ସୁରକ୍ଷା ଓ ଖାଉଟି ବିଭାଗ ସଚିବଙ୍କୁ ଶୁକ୍ରବାର ଚିଠି ଲେଖିଥିବା ଜଣାପଡ଼ିଛି। ଏ ନେଇ ଚନ୍ଦାହାଣ୍ଡି ସମବାୟ ସମିତି ପରିଚାଳନା ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ତ୍ରିପାଠୀଙ୍କୁ ପଚାରିବାରୁ କହିଛନ୍ତି, ଖରିଫ ମଣ୍ଡିରେ ଧାନ ବିକ୍ରୟ ପାଇଁ ଧଡ଼ିପାଣି, କୋଇଲିମୁଣ୍ଡା, ପୂଜାରିଗୁଡ଼ା ଏବଂ ଚନ୍ଦାହାଣ୍ଡି ମଣ୍ଡିରେ ୩୫୨୮ ଚାଷୀ ନାମ ପଞ୍ଜୀକୃତ କରିଛନ୍ତି। ଏଠାରେ ନେଟୱର୍କ ସମସ୍ୟା ଯୋଗୁ ୪୫୦ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ଆଉ କେତେଜଣ ଚାଷୀ କେତେଜଣ ନିଜେ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିଛନ୍ତି । ଜିଲା ଡିଏଲ୍‌ପିସି ବୈଠକରେ ନିର୍ଦ୍ଧାରଣ ହେବ ବୋଲି ସେ କହିଛନ୍ତି। ବଞ୍ଚିତ ଚାଷୀଙ୍କ ନାମ ଶୀଘ୍ର ପଞ୍ଜୀକରଣ ନିମନ୍ତେ ପ୍ରଶାସନ ବ୍ୟବସ୍ଥା କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ପ୍ରକାଶ ଯେ, ଚାଷୀମାନେ ଲ୍ୟାମ୍ପସ କର୍ମଚାରୀଙ୍କୁ ବାରମ୍ବାର ଅନୁରୋଧ ପରେ ବି ଦୃଷ୍ଟି ନ ଦେବାରୁ ସେମାନେ ଏମ୍‌ପି ଏବଂ ବିଧାୟକଙ୍କୁ ଭେଟି ସମସ୍ୟା ଜଣାଇଥିଲେ।

## ଜୁଆ ଆଡ୍ଡାରୁ ୧୧ ଗିରଫ

ରାଇଘର,୩୧।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘରଠାରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଚଢାଉ କରି ପୋଲିସ ୧୧ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୩୨ ହଜାର ୪ ଶହ ଟଙ୍କା ଜବତ କରାଯାଇଛି। କୁମାର ପୂର୍ଣ୍ଣିମାରେ ଜୁଆ ଖେଳ ଚାଲିଥିବା ସୂଚନା ପାଇ ରାଇଘର ଥାନାଧିକାରୀ ଅଭୟ କୁମାର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ କୁମୁଟି ସାହିସ୍ଥିତ ଜୁଆ ଆଡ୍ଡାରେ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ୬ ବାଇକ୍ ମଧ ଜବତ କରାଯାଇଥିବା ସୂଚନା ମିଳିଛି।

## ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସ୍ମୃତିଦିବସ

ଜୟପୁର,୩୧।୧୦(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁରସ୍ଥିତ କଂଗ୍ରେସ ଭବନଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୩୬ତମ ସ୍ମୃତିଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ସଭାନେତ୍ରୀ ମୀନାକ୍ଷୀ ବାହିନୀପତି ଯୋଗଦେଇ ଇନ୍ଦିରାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସେ ଦେଶରେ ସମସ୍ତ ଜାତି, ଧର୍ମ ଲୋକଙ୍କୁ ନେଇ ଏକତ୍ରିତ କରି ବିଶ୍ୱରେ ଦେଶର ସୁନାମ ରଖିଥିଲେ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିନୋଦ ମହାପାତ୍ର, କୃଷ୍ଣଚନ୍ଦ୍ର ନେପାକ, ନରେନ୍ଦ୍ର ମହାନ୍ତି, କାନ୍ତ ପାଢ଼ୀ, ଭେଙ୍କଟରାଓ ପଟ୍ଟନାୟକ, ନଳନୀ ରଥ. ଜ୍ୟୋସ୍ନାରାଣୀ ମହାନ୍ତି, ସଞ୍ଜୁ ନାୟକ, ବି.ଅରୁଣା, ଏ.ରମେଶ,ହାସନ ମଦାନୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ସ୍ମୃତିଚାରଣ ସଭାରେ ଉପସ୍ଥିତ ଅତିଥି ।

## ଅଲେଖ ମହିମା ବାଲ୍‌ଲୀଲା ଭୀମା ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ
## କରୋନା କଟକଣାକୁ ଫୁ



ଧୋଡ୍ରା,୩୧।୧୦(ଡି.ଏନ୍.ଏ.): କରୋନା କଟକଣାରେ ମଧ ଚାଲିଛି ଫୁଟ୍‌ବଲ ଟୁର୍ନାମେଣ୍ଟ। ନବରଙ୍ଗପୁର ଜିଲା ଧୋଡ୍ରାଠାରେ ସାମାଜିକ ଦୂରତା ଓ ମାସ୍କ ବ୍ୟବହାର ନିୟମକୁ ବେଖାତିର୍ କରି ଖେଳ ଚାଲିଥିବା ଦେଖିବାକୁ ମିଳିଛି। ଦୁଇ ଦିନ ଧରି ସାନଭୀମାଗୁଡ଼ାଠାରେ ଚାଲିଥିବା ଅଲେଖ ମହିମା ବାଲ୍‌ଲୀଲା ଭୀମା ଫୁଟ୍‌ବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଛି। ଏଥିରେ ୨୪ ଦଳ ଅଂଶଗ୍ରହଣ କରିଥିଲେ। ଚାମ୍ପିଅନ୍ ଟିମ୍‌କୁ ୫ହଜାର, ଦ୍ୱିତୀୟ ଟିମ୍‌କୁ ୪ହଜାର ଏବଂ ତୃତୀୟ ସ୍ଥାନରେ ରହିଥିବା ଟିମ୍‌କୁ ୩ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ତେବେ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାବେଳେ ଗାଁର ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତିରେ ଏଭଳି ନିୟମ ଖିଲାପ କରି ଖେଳକୁ ନେଇ ବୁଦ୍ଧିଜୀବୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଦେଶ ସମୃଦ୍ଧିରେ ଇନ୍ଦିରାଙ୍କ ଅବଦାନ ସ୍ମରଣୀୟ

ମାଲକାନଗିରି,୩୧।୧୦ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମା ଜିଲା କଂଗ୍ରେସ କାର୍ଯ୍ୟାଳୟରେ ସ୍ୱର୍ଗତ ଇନ୍ଦିରାଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, କାର୍ଯ୍ୟକାରୀ ସଭାପତି ରାମ ପ୍ରସାଦ ପଟ୍ଟନାୟକ ଇନ୍ଦିରାଗାନ୍ଧୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଇନ୍ଦିରାଙ୍କ ଦେଶଭକ୍ତି, ଦେଶ ସମୃଦ୍ଧିରେ ତାଙ୍କର ଅବଦାନର ସ୍ମୃତି ଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡି. ଚିନ୍ନା ରାଓ, ପଦ୍ମ ପାଙ୍ଗି, ପର୍ଶୁରାମ ଭକ୍ତ, ମହିଳା ସଭାନେତ୍ରୀ କମଳା ବରାଳ, ଛବିଦାସ, ଲକ୍ଷ୍ମୀ ମହାରଣା, ପ୍ରାଣକୃଷ୍ଣ ମଣ୍ଡଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# କଂଗ୍ରେସ ପାଳିଲା କିଷାନ ଅଧିକାର ଦିବସ

ନବରଙ୍ଗପୁର/ଡାବୁଗାଁ/କୋଷାଗୁମୁଡ଼ା, ୩୧।୧୦(ବି.ପ୍ର./ଡି.ଏନ୍.ଏ.)



କଂଗ୍ରେସ ନେତା ଓ କର୍ମୀମାନେ ସତ୍ୟାଗ୍ରହରେ ବାହାରିଛନ୍ତି ।

- ଇନ୍ଦିରା ଗାନ୍ଧୀଙ୍କ ପୁଣ୍ୟତିଥି
- ଜିଲାର ୧୦ ବ୍ଲକ୍‌ରେ ଚାଷୀ ସୁରକ୍ଷା ସତ୍ୟାଗ୍ରହ

ନବରଙ୍ଗପୁର ଜିଲାରେ କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ପୁଣ୍ୟତିଥି ଏବଂ ପୂର୍ବତନ ଉପ ପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତି ଜିଲା କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ କଂଗ୍ରେସ ଇନ୍ଦିରା ଗାନ୍ଧୀଙ୍କ ପୁଣ୍ୟତିଥିକୁ କିଷାନ ଅଧିକାର ଦିବସଭାବେ ପାଳନ କରିଛି। ପାର୍ଲାମେଣ୍ଟରେ ଚାଷୀ ବିଧେୟକ ବିଲ୍‌କୁ ଦଳ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଜିଲାର ୧୦ ବ୍ଲକ୍ ସଦରରେ କିଷାନ ଅଧିକାର ଦିବସ ପାଳନ ସହ ଚାଷୀ ସୁରକ୍ଷା ସତ୍ୟାଗ୍ରହ କରାଯାଇଥିଲା। ଏଥିରେ ଶତାଧିକ କଂଗ୍ରେସ ନେତୃମଣ୍ଡଳୀ ସାମିଲ ହୋଇଥିଲେ। ନଗର ସଭାପତି ଉତ୍ତମ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସଦନ ନାୟକ, ଜିଲା ସଭାପତି ମୁନା ତ୍ରିପାଠୀ ଯୋଗ ଦେଇଥିଲେ। ନନ୍ଦାହାଣ୍ଡି ବ୍ଲକ୍‌ଠାରେ ବୃନ୍ଦା ତ୍ରିପାଠୀଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମହିଳା କଂଗ୍ରେସ ସଭାନେତ୍ରୀ ପି. ନାଗରତ୍ନମ୍ମା ଯୋଗ ଦେଇଥିଲେ। ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ବିପିନ ଚନ୍ଦ୍ର ଟାକ୍ରୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ପାପଡାହାଣ୍ଡିଠାରେ ଏମ.ଡି. ଆକବର୍‌ଙ୍କ ନେତୃତ୍ୱରେ ଶହୀଦ ପୀଠ ଠାରେ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଥିଲା। ଡାବୁଗାଁ ବ୍ଲକ୍‌ରେ ପି. ସାଇ ରାଜୁ, ପ୍ରକାଶ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଚାଷୀ ସତ୍ୟାଗ୍ରହରେ ପୂର୍ବତନ ଏମ୍‌ପି ପ୍ରତିନିଧି ତଥା ଯୁବ ନେତା ଦ୍ୱାରିକା ମହାପାତ୍ର ଯୋଗ ଦେଇଥିଲେ। କୋଷାଗୁମୁଡ଼ା ବ୍ଲକ୍ ସମ୍ମୁଖରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ୍ ଅଧକ୍ଷା ଗୀତାମଣି ସମରଥ, ଉପାଧ୍ୟକ୍ଷ ପଦମ ସାଏ ମାଳି, ଦିଲୀପ କୁମାର ବେହେରା, ଧରମ ସିଂ, କେ.ଏନ୍. ରାଜୁ ପ୍ରମୁଖ ସାମିଲ ଥିଲେ। ସିଂସାରି ଠାରେ କୃଷ୍ଣ ମାଝିଙ୍କ ନେତୃତ୍ୱରେ ଉଲଧର ମାଝି, ଚନ୍ଦାହାଣ୍ଡି ଠାରେ କ୍ଷେମରାଜ ବାଘ, ଗୋକୁଳ ପଟ୍ଟାନାୟ ଯୋଗ ଦେଇଥିଲେ। ଝରିଗାଁ ବ୍ଲକ୍‌ରେ ପର୍ଯ୍ୟବେକ୍ଷକ ଗୋପାଳ ପଟ୍ଟନାୟକ, ଅନୀଲ ଜୈନ ଓ ପ୍ରସନ୍ନ ମାଝି ନେତୃତ୍ୱ ନେଇଥିଲେ । ସେହିଭଳି ରାଇଘର ବ୍ଲକ୍‌ରେ ତପନ ଦେବନାଥ, ଯତିନ୍ ଗଣ୍ଡ ଓ କମଳ ବାଛାର ନେତୃତ୍ୱ ନେଇଥିଲେ। ଏଆଇସିସି ନିର୍ଦ୍ଦେଶରେ ଜିଲାର ୪୦ ହଜାର ଚାଷୀଙ୍କ ଦସ୍ତଖତ ନିଆଯିବ ଏବଂ ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯିବ ବୋଲି ଜିଲା ସଭାପତି ମୁନା ତ୍ରିପାଠୀ କହିଛନ୍ତି।

# ୫ କୁଇଣ୍ଟାଲ ଗଞ୍ଜେଇ ଜବତ

ସେମିଳିଗୁଡା,୩୧।୧୦(ସ୍ୱ.ପ୍ର.)

ସେମିଳିଗୁଡା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଶନିବାର ଅପରାହ୍ନ ଗୋଟାଏରେ ସେମିଳିଗୁଡାରୁ ନନ୍ଦପୁରକୁ ଯୋଗାଯୋଗ କରୁଥିବା ଏମଡିଆର ୫୫ ରୋଡ ପାର୍ଶ୍ୱ ବୋଡ଼େଙ୍ଗା ଛକ ନିକଟରେ ଏକ ମହିନ୍ଦ୍ରା ଜିପ (ଓଆର୦୫ ଏ- ୭୯୧୫)କୁ ସନ୍ଦେହରେ ଅଟକାଇଥିଲ। ଏହାକୁ ଯାଞ୍ଚ କରିବାରୁ ସେଥିରୁ ୫କୁଇଣ୍ଟାଲ ୭ କେଜି ଗଞ୍ଜେଇ ମିଳିଥିଲା। ପୋଲିସ ଗାଡି ସହ ଗଞ୍ଜେଇକୁ ଜବତ କରିଥିଲା। ଜବତ ଗଞ୍ଜେଇର ବଜାର ମୂଲ୍ୟ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଥାନା ଅଧିକାରୀ ଧୀରେନ କୁମାର ବେହେରା କହିଛନ୍ତି। ତେବେ ଘଟଣା ସ୍ଥଳରୁ ଗାଡି ଛାଡି ଡ୍ରାଇଭର ଫେରାର ହୋଇଯିବାରୁ କାହାକୁ ଗିରଫ କରାଯାଇପାରିନାହିଁ। ତହସିଲଦାର ଶରତ ମାଝୀଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯାଇଥିଲା। ଏସଆଇ ଅନିତା ନାୟକଙ୍କ ନେତୃତ୍ୱରେ ଏଏସଆଇ ବିରାଟ ଚନ୍ଦ୍ର ପଟ୍ଟନାୟକ,ସିଏସଆଇ ପ୍ରଭାତ ଗୌଡ଼,ମନ୍ମଥ କୁମାର ବାଘ, ଧବୁଲୁ ବେହେରା,ପୂର୍ଣ୍ଣଚନ୍ଦ୍ର ମାଝୀ ପାଟ୍ରୋଲିଂରେ ସାମିଲ ହୋଇଥିଲେ। କେସ ନଂ ୮୮/୨୦ରେ ଏକ ମାମଲା ରୁଜୁ ହୋଇଛି।

